Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

ସପ୍ତାହ -୧୬

ନ.- ୪୩୪ (ଓଡିଆ ବୁଲେଟିନ)
ତାରିଖ- ୧୯.୦୪.୨୦୨୪

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ବୁଣାବୁଣି କାର୍ଯ୍ୟ, ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳ ସେଚନ କୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଅମଳ ଉପଯୋଗୀ ପନିପରିବା କୁ ଶୀଘ୍ର ଅମଳ କରି ନିଅନ୍ତୁ ।
- ଅମଳ ହୋଇଥିବା ଫସଲ କୁ ପଲିଥିନ ଦ୍ୱାରା ଘୋଡେଇ ରଖନ୍ତୁ ।
- ସୁବିଧା ଥିଲେ ଫଳବଗିଚା କିମ୍ବା ଅଧିକ ଚଉଡାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ ।
- ପନିପରିବା ରେ ଜଳ ସଂରକ୍ଷଣ କରିବା ପାଇଁ ନଡା, ଶୁଖିଲା ପତ୍ର ବା କରତ ଗୁଣ୍ଡ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
- ନଡିଆ ଗଛ ଚାରିପଟେ ୧.୮ମିଟର ବ୍ୟାସାର୍ଦ୍ଧ ନଡିଆ ପତ୍ର ବିଛାଇ ଦିଅନ୍ତୁ ।
- କାଜୁ ଗଛରେ ୨ ବର୍ଷିଆ ୧୫ ଦିନ ଅନ୍ତରରେ ଗଛ ପିଛା ୨୦ ରୁ ୨୫ ଲିଟର ପାଣି ଦିଅନ୍ତୁ । ନୂଆକରି ଗଛ ଲଗାଉଥିଲେ ବାଷ୍ପୀକରଣ କ୍ଷମତା କମାଇବାପାଇଁ ମୂଳ ଚାରିପଟେ ଶୁଖିଲା ପତ୍ର ମଲଚିଂ ଆକାରରେ ଦିଅନ୍ତୁ ।
- ଅସ୍ଥାଇ ଛପର ଦ୍ୱାରା ପନିପରିବା ଚାରା କୁ ଉଚ୍ଚ ତାପମାତ୍ରା ରୁ ରକ୍ଷା କରନ୍ତୁ ।
- ଦିନ ବେଳା ତାପମାତ୍ରା ଅଧିକ ରହୁଥିବା ରୁ ଟମାଟୋ ଓ ବାଇଗଣ ରେ ଝାଉଂଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ୧ ଗ୍ରାମ Streptocycline ୧୦ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

### ଧାନ(ଡାଲୁଅ):

ଗଳା ମହିଷା-

ବର୍ତମାନ ସମୟରେ ଦିନ ଏବଂ ରାତି ର ତାପମାତ୍ରା ମଧ୍ୟରେ ପାର୍ଥକ୍ୟ ରହୁ ଥିବାରୁ ଧାନ ଫସଲ ରେ ଗଳା ମହିଷା ରୋଗ ଲାଗିବାର ସମ୍ଭାବନା ରହଛି । ଧାନ ଫସଲରେ ଗଳା ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମି ଲି.hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି.Azoxystrobin ଏବଂ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଏବଂ Trifloxystrobin ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

କେଣ୍ଡା ଅଷ୍ଟପଦୀ-

ଧାନ ଫସଲ ରେ କେଣ୍ଡା ଅଷ୍ଟପଦୀ ପୋକ ର ନିରାକରଣ ପାଇଁ ଏକର ପ୍ରତି Diafenthiuran @ ୪୦୦ ଗ୍ରାମ କିମ୍ବା Spiromesifen @ ୨୦୦ ମିଲି କିମ୍ବା Fenpyroximate @ ୪୦୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

### ମକା:

ଲଗାତର ଶୁଖିଲା ପାଗ ପରେ ବର୍ଷା ହେଲେ ମକା ଫସଲ ରେ ଫଲ ଆର୍ମି ୱାର୍ମ ପୋକ ଲାଗିବାର ସମ୍ଭାବନା ଥାଏ । ଏହାର ନିରାକରଣ ପାଇଁ ଏକର ପ୍ରତି Emamectin benzoate ୫% SG @ ୮୦ ଗ୍ରାମ କିମ୍ବା Chlorantraniliprole 18.5% AC @ ୮୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

### ଆଖୁ:

ଆଖୁ ଫସଲ ରେ ସଅଳ କାଣ୍ଡ ବିନ୍ଧା ପୋକ ର ପରିଚାଳନା ପାଇଁ ଗ୍ରୀଷ୍ମ ଋତୁ ରେ  ନିୟମିତ ଭାବରେ ଜଳସେଚନ କରନ୍ତୁ । ମାଟି ଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡାପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ଆକ୍ରାନ୍ତ ପିଲ ଗୁଡିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରଥମ ଥର ହୁଡା ଟେକିବା ସମୟରେ ମାଟରେ ଏକର ପ୍ରତି ୧୦ କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ

ପ୍ରୟୋଗ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

**ବାଇଗଣ/ବିଲାତି ବାଇଗଣ:**

ଧଳା ମାଛି

ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଆଠ ଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**କଖାରୁ ଜାତୀୟ ପନିପରିବା:**

କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ ମିଲି Profenophos ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ।

**ଭେଣ୍ଡି**

- ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।
- ଭେଣ୍ଡି ଫସଲରେ ଧଳାମାଛିର ପ୍ରାଦୁର୍ଭାବ କମ କରିବା ପାଇଁ ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋଗ୍ରାମ ବିହନ ରେ ୭-ଗ୍ରାମ Imidacloprid ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ। ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ ।

**ପୋଟଳ**

ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତ୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ଵାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ ।

**ପିଆଜ**

ପିଆଜ ର ଅମଳ ପରେ ବେକ ଉପରୁ ୨.୫ ସେ.ମି ରଖି ଅଗ ଏବଂ ସମୁଦାୟ ଚେର କାଟି ଦିଅନ୍ତୁ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠରୀ ରେ ପିଆଜ କୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖି ଯାଇଥାଏ। ଭଲ ଭାବରେ ଶୁଖିଥିଲେ ଏବଂ ଠିକ ସମୟ ରେ ଅମଳ ହୋଇଥିବା ପିଆଜ କୁ ଅଧିକ ଦିନ ସାଇତି ରଖି ହୁଏ।

**ଲଙ୍କା**

ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପଣି ରେ ମିଶାଇ ସିଂଚନ କରନ୍ତୁ। ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenopyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**କଦଳୀ:**

ପତ୍ରଦାଗ ବା ସିଗାଟୋକା ରୋଗ

କଦଳୀ ରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୧୦-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ ।

**ପଶୁ ସମ୍ପଦ**

**ପ୍ରାଣୀ ମାନଙ୍କ ଗୃହ ପରିଚାଳନା**

ଅଧିକ ଗରମ କାରଣ ରୁ ପ୍ରାଣୀ ମାନଙ୍କ ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅବସ୍ଥା ରେ ସୁଧାର ନ ଆସିଲେ ପ୍ରାଣୀ ମାନେ ମୃତ୍ୟୁ ବରଣ ମଧ କରିପାରନ୍ତି ।  ଦିନବେଳା ଖରା ଅଧିକା ହେଲେ ପ୍ରାଣୀ ମାନଙ୍କୁ ଗୁହାଳ ରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ। ଗୁହାଳ ର ଛପର ଟିଣ ବା ଆଯବେଶଟୋସ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ଜୋର ରେ ଖରା ହେଉଥିଲେ ଗୁହାଳର ଖୋଲା ଥିବା ଜାଗା ଗୁଡିକ ରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପନ ଦିଅନ୍ତୁ । ଅଧିକ ଉତ୍ପାଦନ କ୍ଷମ ପ୍ରାଣୀ ରଖିଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମାଇ ପାରୁଥିବା ଉପକରଣ ଲଗାଇବା ର ବ୍ୟବସ୍ଥା କରାଯିବା ଦରକାର। ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ  କରନ୍ତୁ, ମୁଣ୍ଡ ରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ ।

**କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା**

ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)